# ଅଦାଳତ କର୍ମଚାରୀଙ୍କୁ ଦୁର୍ବ୍ୟବହାର ମାମଲା
# ୨ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ

ରାୟଗଡ଼ା,୨୭।୨(ଆଶିଷ ରଞ୍ଜନ ପଣ୍ଡା)

ରାତିସମୟରେ ରାୟଗଡ଼ା ଅଦାଲତ ଭିତରେ ପଶି ରାତ୍ର ଜଗୁଆଳିଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ ମାରିବା ଅଭିଯୋଗରେ ସିଭିଲ ଜଜ୍ (ସିନିୟର ଡିଭିଜନ) ଆଶିଷ ରଞ୍ଜନ ପଟ୍ଟନାୟକ ଶୁଣାଣିକରି ମାମଲାରେ ଜଡିତ ଥିବା ଦୁଇ ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡାଦେଶ ରାୟ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ବାବଦରେ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟେ ୧ ବର୍ଷ ଅଧିକ ଦଣ୍ଡାଦେଶ ପାଇଁ ଆଦେଶ ଦେଇଛନ୍ତି । ସରକାରୀ ଓକିଲ ଭବାନୀ ଶଙ୍କର ମିଶ୍ରଙ୍କ ସୂଚନା ମୁତାବକ ଯରୁଗୁଲା ସାହିର ୨ଜଣ ଯୁବକ ଏସ୍.ପ୍ରେମ କୁମାର ଓ କେ.ରୋହିତ ରାତି ସମୟରେ ରାୟଗଡା ଅଦାଲତ ପାଚେରି ଡେଇଁ କାର୍ଯ୍ୟରତ ରାତ୍ର ଜଗୁଆଳି ହରେଶ କୁମାରଙ୍କୁ ଧମକ ଦେବା ସହ ଦୁର୍ବ୍ୟବହାର କରିଥିଲେ । ଘଟଣାକୁ ନେଇ ରାୟଗଡା ଥାନାରେ କେସ୍ ନଂ. ୩୩୭/୨୦୨୩ ପ୍ରକାରେ ମାମଲା ରୁଜୁ ହୋଇଥିଲା ।ସିଭିଲ ଜଜ୍(ସିନିୟର ଡିଭିଜନ) ଏଏସଜେକୋର୍ଟରେକେସ୍ନଂ.୩୨/୨୦୨୪ ପ୍ରକାରେ କେଶର ବିଚାର ହୋଇଥିଲା ।

# ପୌର ପରିଷଦରେ ଦୁର୍ନୀତି ନେଇ ଭିଜିଲାନ୍ସ ତଦନ୍ତ ଦାବି

## ବିଜେଡିର ବିକ୍ଷୋଭ ପ୍ରଦର୍ଶନ, ଦାବିପତ୍ର

ଗୁଣପୁର, ୨୭।୨
(ସଂକେତ ପାତ୍ର/ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବିଜେଡି ପକ୍ଷରୁ ଶୁକ୍ରବାର ବିଭିନ୍ନ ପ୍ରସଙ୍ଗକୁ ନେଇ ଶୋଭାଯାତ୍ରା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଗୁଣପୁର ପୂର୍ତ୍ତ ବିଭାଗ ବଙ୍ଗଳାଠାରୁ ବିଜେଡି କର୍ମୀ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ୫ ଦଫା ଦାବିପତ୍ର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପଙ୍କୁ ପ୍ରଦାନ କରିଥିଲେ। ଗୁଣପୁର ପୌର ପରିଷଦରେ ବ୍ୟାପକ ଦୁର୍ନୀତି ନେଇ ବିଜେଡି ପୌର ପରିଷଦ ଉପରେ ବର୍ଷିବା ସହ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି କରିଥିଲା । ଦୁର୍ନୀତିର ତଦନ୍ତ ଦାୟିତ୍ୱ ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର କରିବା ସହ ଅଡିଟ ବିଭାଗ ଦ୍ୱାରା ସ୍ୱତନ୍ତ୍ର ଅଡିଟ କରିବାକୁ ଉପଜିଲାପାଳଙ୍କୁ ଅନୁରୋଧ କରିଥିଲେ। ସେହିଭଳି ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାର ବିଫଳ ହୋଇଥିବାରୁ ଚାଷୀମାନେ



ବିଜେଡି ନେତା ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ଧାନ ବିକିବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିର ତୁରନ୍ତ ସମାଧାନ ପାଇଁ ନେତାମାନେ ଦାବି କରିଥିଲେ।

ଦାବିପତ୍ର ପ୍ରଦାନ ପରେ ନୂତନ ବସ୍ଷ୍ଟାଣ୍ଡ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମାବେଶରେ ଜିଲା ବିଜେଡି ସଭାପତି ଜଗନ୍ନାଥ ସାରକା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସୁଧୀର କୁମାର ଦାଶ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝି , ଦେବାଶିଷ ଖାଡ଼ଙ୍ଗା, ବିଜୁ ଯୁବ ଜନତା ଦଳ ବରିଷ୍ଠ ଉପ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ଜିଲା ବିଜେଡି ଛାତ୍ର କାର୍ଯ୍ୟକାରୀ ସଭାପତ ପି.ଗୌରୀ ଶଙ୍କର ରାଓଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ୱାକୋ ଇଣ୍ଡିଆ ଓପନ କିକ୍ ବକ୍ସିଂରେ ବି.ଗ୍ୟାନଭିଙ୍କୁ କାଂସ୍ୟ ପଦକ

ରାୟଗଡ଼ା,୨୭।୨
(ଆଶିଷ ରଞ୍ଜନ ପଣ୍ଡା)



କାଂସ୍ୟ ପଦକ ପାଇଥିବା ବି.ଗ୍ୟାନଭି ।

ରାୟଗଡ଼ା ଜିଲା ପାଇଁ ସଫଳତା ଆଣିଛନ୍ତି ୯ ବର୍ଷର ଝିଅ ବି.ଗ୍ୟାନଭି। ନୂଆଦିଲ୍ଲୀର କେଡି ଯାଦବ ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ୱାକୋ ଇଣ୍ଡିଆ କିକ୍‌ବକ୍ସିଂ ଚାମ୍ପିୟନଶିପ୍‌ରେ ରାୟଗଡା ବ୍ଲକ ଚାନ୍ଦିଲି ଗ୍ରାମର ତୃତୀୟ ଶ୍ରେଣୀ ଛାତ୍ରୀ ବି.ଗ୍ୟାନଭି ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି କାଂସ୍ୟ ପଦକ ହାସଲ କରିଛନ୍ତି। ୱାକୋ ଇଣ୍ଡିଆ ଓପନ ଇଣ୍ଟରନ୍ୟାସନାଲ କିକ୍ ବକ୍ସିଂ କନିଷ୍ଠ ୨୮ କେଜି ବର୍ଗରେ ବି.ଗ୍ୟାନଭି ଚମତ୍କାର ପ୍ରଦର୍ଶନ କରି ତୃତୀୟ ସ୍ଥାନ ପାଇଥିବାବେଳେ କାଂସ୍ୟ ପଦକ ଆଣିଛନ୍ତି । ଏହି ସଫଳତା ପାଇଥିବା ବେଳେ ତାଙ୍କୁ ବିଭିନ୍ନ ଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ଆଗକୁ ସେ ଅଲିମ୍ପିକସରେ ଭାଗ ନେବା ପାଇଁ ସ୍ୱପ୍ନ ଦେଖିଛନ୍ତି । ଝିଅର ସଫଳତାରେ ପରିବାରବର୍ଗ ମଧ ବେଶ ଖୁସିଥିବା କହିଛନ୍ତି। ଗ୍ୟାନଭିଙ୍କ ସଫଳତା ପରେ ତାଙ୍କୁ ଦେଖିବା ପାଇଁ ତାଙ୍କ ଘରେ ଭିଡ ଜମିଛି । ତେବେ ଜିଲ୍ଲାରେ କିକ ବକ୍ସିଂ ଖେଳକୁ କ୍ରୀଡା ବିଭାଗ ଅଧିକ ଗୁରୁତ୍ୱ ଦେବା ପାଇଁ ଉଦ୍ୟମ ଆରମ୍ଭ କରିବା ଆବଶ୍ୟକ ବୋଲି କ୍ରୀଡ଼ାପ୍ରେମୀ ମତପ୍ରକାଶ କରିଛନ୍ତି।

# ତାଲା ବନ୍ଦ ଘରକୁ ଟାର୍ଗେଟ୍, ଶିକ୍ଷକଙ୍କ ଘରୁ ଚୋରି

ଗୁଡାରି,୨୭।୨ (ପ୍ରମୋଦ କୁମାର ପତି)

ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଗୁଡାରି ସହରରେ ଚୋରି ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ତାଲା ବନ୍ଦ ଥିବା ଘରକୁ ଟାର୍ଗେଟକରି କଳାକନା ବୁଲାଉଥିବା ଦେଖିବାକୁ ମିଳିଛି ।ସହରର ୯ ନମ୍ବର ୱାର୍ଡ ତଥା ଶ୍ରୀରାମ ନଗରରେ ବାସ କରୁଥିବା ଶିକ୍ଷକ ବଂଶୀଧର ଶବରଙ୍କ ଘରୁ ଗୁରୁବାର ରାତିରେ ବଡ଼ ଧରଣର ଚୋରି ହୋଇଛି।

ମୁନିଗୁଡା ବ୍ଲକର ବାଲିଖୋଡ଼ି ସେବାଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବଂଶୀଧରଙ୍କ ଘରେ ତାଲା ପଡ଼ିଥିଲା। ଦୁର୍ବୃତ୍ତ ଏହାର ସୁଯୋଗ ନେଇ ଘରର ମୁଖ୍ୟ କବାଟର ତାଲା ଭାଙ୍ଗି ଘରେ ପଶି ସୁନା, ରୁପା ଓ ନଗଦ ଟଙ୍କା ନେଇଯାଇଥିବା ଗୁଡାରି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖବରପାଇ ଶୁକ୍ରବାର ସକାଳେ ଶିକ୍ଷକ ଗୁଡାରି ଆସି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଗୁଡାରି ଥାନାରେ ଥାନା କେଶ୍ ନମ୍ବର ୨୧/୨୬ ମାମଲା ରୁଜୁ ହୋଇଛି । ତଦନ୍ତକାରୀ ଅଧିକାରୀ ଭାବେ ସବ୍ ଇନ୍ସପେକ୍ଟର ସଞ୍ଜୟ କୁମାର ଛତ୍ର ଦାୟିତ୍ୱ ନେଇଛନ୍ତି। ଅପରାହ୍ନରେ ଅନୁସନ୍ଧାନକାରୀ କୁକୁର ଘଟଣାସ୍ଥଳରେ ପହଞ୍ଚି ଅଧିକ ଅନୁସନ୍ଧାନ କରିଥିଲା ଏବଂ ନିକଟବର୍ତ୍ତୀ ୨ଟି ସାହିକୁ କୁକୁର ଯାଇଥିଲା। ଖୁବଶୀଘ୍ର ଚୋର ଧରା ପଡିବ ଏବଂ ଚୋରି ସାମଗ୍ରୀ ଉଦ୍ଧାର କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

ପ୍ରକାଶ ଥାଉକି ଚୋରି ହୋଇଥିବା ଘରର ଉପର ମହଲାରେ ଭଡ଼ାରେ ରହୁଥିବା ଜଣେ ଶିକ୍ଷକ ରାତିରେ ଘରେ ଥିଲେ ମଧ ଚୋରମାନେ ସେହି ଘରର ବାହାର ପଟୁ ଗେଡ଼ା ପକେଇଦେଇଥିଲେ। ଚୋରମାନେ ଘରର କିଛି ଜିନିଷପତ୍ର ନିକଟସ୍ଥ ଏକ ସ୍ଥାନରେ ଫୋପାଡ଼ି ଦେଇଥିବା ଜଣାପଡିଛି।

# କର୍ଣ୍ଣାଟକରେ ପ୍ରେମୀଯୁଗଳଙ୍କ ମୃତ୍ୟୁ

## ମୃତଦେହ ଗାଁକୁ ଆଣିବା ପାଇଁ ପୋଲିସ, ପ୍ରଶାସନ ନିକଟରେ ନିବେଦନ

ଗୁଣପୁର, ୨୭।୨ (ସଂକେତ ପାତ୍ର )

ପ୍ରଥମେ ଭଲ ପାଇଲେ, ପରେ ବାହା ହେଲେ। ବାହାଘର ପରେ କାମ ଅନ୍ୱେଷଣରେ କର୍ଣ୍ଣାଟକ ଚାଲିଯାଇଥିଲେ। ସେଠାରେ କୌଣସି କାରଣରୁ ପ୍ରେମୀଯୁଗଳଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଜପତି ଜିଲା ଅଡବା ଥାନା ବଚେବା ଗାଁର ଦୀପନ୍ତ ଶବର ଏବଂ ରାୟଗଡା ଜିଲା ଗୁଣପୁର ବ୍ଲକ ପୁଟାସିଂ ଥାନା ରିଜିଙ୍ଗତାଲ ଗାଁର ମଞ୍ଜୁଳା ଶବର (୨୨)। ଉଭୟେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ତେବେ ଉଭୟଙ୍କ ମୃତଦେହ ନିଜ ଗାଁକୁ ଫେରାଇ ଆଣିବାକୁ

ମୃତ ମହିଳାଙ୍କ ପରିବାର ଲୋକେ ଶୁକ୍ରବାର ଗୁଣପୁର ବ୍ଲକ ପ୍ରଶାସନ ଏବଂ



ମୃତ ଦୀପନ୍ତ ଶବର



ମଞ୍ଜୁଳା ଶବର

ପୁଟାସିଂ ଥାନାରେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ଗଜପତି ଜିଲା ଅଡବା ଥାନା ବଚେବା ଗାଁର ଦୀପନ୍ତ ଗୁଣପୁରକୁ କାମ ଅନ୍ୱେଷଣରେ ଆସି ରହୁଥିଲେ। ସେହି ସମୟରେ ଗୁଣପୁର ବ୍ଲକ ପୁଟାସିଂ ଥାନା ରିଜିଙ୍ଗତାଲ ଗାଁର ମଞ୍ଜୁଳା ଶବରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀପନ୍ତ ପୂର୍ବରୁ ବିବାହିତ ଥିଲେ ମଧ ସେ ମଞ୍ଜୁଳାଙ୍କୁ ବିବାହ କରି କର୍ଣ୍ଣାଟକ ଚାଲିଯାଇଥିଲେ। ପରିବାର ଲୋକେ ମଞ୍ଜୁଳା ନ ପାଇ ଗତ ଅକ୍ଟୋବରରେ ନିଖୋଜ ଥିବା ନେଇ ପୁଟାସିଂ ଥାନାରେ ଅଭିଯୋଗ କରିଥିଲେ। ସେମାନେ କର୍ଣ୍ଣାଟକର ଅନେକାଲ ତାଲୁକ ସୂର୍ଯ୍ୟନଗର ଥାନା ଅଞ୍ଚଳରେ ଘରଭଡା ନେଇ ରହୁଥିଲେ। କୌଣସି କାରଣକୁ ନେଇ ଉଭୟ ଆତ୍ମହତ୍ୟା କରିଥିବା କୁହାଯାଉଛି। ମିଳିଥିବା ଏକ ଭିଡିଓରୁ ଜଣାପଡ଼ିଛି, ଦୀପନ୍ତ ଶୋଇକି ଉଠିବା ପରେ ଦେଖିଲେ ପ୍ରେମିକା ମଞ୍ଜୁଳାଙ୍କ ମୃତଦେହ ଏକ ସୋଫା ଉପରେ ପଡିଛି। ଏହାପରେ ନିଜକୁ ଅସହାୟ ମନେକରି ଦୀପନ୍ତ ମଧ ଜୀବନ ହାରିବା ପାଇଁ କହୁଛନ୍ତି। ଦୁଇ ଜଣଙ୍କ ମୃତ୍ୟୁକୁ ନେଇ ଉଭୟଙ୍କ ପରିବାର ଲୋକେ ଦାୟୀ ନୁହନ୍ତ ବୋଲି କହିବା ସହ ସ୍ତ୍ରୀର ଭାଇଙ୍କୁ କ୍ଷମା କରିବା ପାଇଁ କହି ଲାଇଭ୍ ଭିଡିଓ ସୋସିଆଲ ମିଡିଆରେ ଛାଡିଥିଲେ। ଏହାପରେ ଦୀପନ୍ତ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ତାଙ୍କ ମୋବାଇଲରେ ସେ ନିଜେ ଭିଡିଓ କରିଛନ୍ତି ନା ଆଉ କିଏ ଭିଡିଓ କରିଛି ତାହା ସନ୍ଦେହ ଘେରରେ ରହିଛି। ଚଳିତ ଫେବୃଆରୀ ୨୫ ଭୋର ୨ଟା୨୩ ମିନିଟରେ ଭିଡିଓ କରାଯାଇଥିବା ଜଣାପଡ଼ିଛି। କୌଣସି ସୂତ୍ରରୁ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରିବା ପରେ ଝିଅ ଘର ପରିବାରକୁ ଜଣାଇଥିଲେ। ମୃତଦେହ କର୍ଣ୍ଣାଟକରୁ ଗାଁକୁ ଆଣିବା ପାଇଁ ମଞ୍ଜୁଳାଙ୍କ ବାପା ଷ୍ଟିଫେନ ଓ ପରିବାର ଲୋକ, ଗ୍ରାମବାସୀ ପୋଲିସ ଓ ପ୍ରଶାସନ ପାଖରେ ଆକୁଳ ନିବେଦନ କରିଛନ୍ତି।

# ମିଟ୍ସରେ ଗ୍ରାଜୁଏଶନ ଡେ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ୨୫୦ରୁ ଅଧିକ ସମ୍ମାନିତ

ରାୟଗଡା,୨୭।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ଭୁଜବଳସ୍ଥିତ ମଝିଘରିଆଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ) ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସରେ ଗ୍ରାଜୁଏଶନ ଡେ-୨୦୨୬ ଶୁକ୍ରବାର ବସନ୍ତ ଅଡିଟୋରିୟମଠାରେ ପାଳିତ ହୋଇଛି। ଏ ଅବସରରେ ମିଟସ ଗ୍ରୁପ୍ ବିଭିନ୍ନ ସ୍ନାତକ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ୨୫୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଡିଆରଏମ୍ ଅମିତାଭ ସିଂଘଲ ଯୋଗଦେଇ ସ୍ନାତକଧାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ ୟୁପିଏସ୍‌ସି ଓ ଇଞ୍ଜିନିୟରିଂ ସର୍ଭିସେସ୍ ଭଳି ପରୀକ୍ଷାରେ ଅଂଶଗ୍ରହଣ କରି ସଫଳତା ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବେ ରାଉରକେଲାସ୍ଥିତ ବିପିୟୁଟିର ନିର୍ଦ୍ଦେଶକ ପ୍ରଫେସର ଡ. ବି.ବି. ମଙ୍ଗରାଜ ଯୋଗଦେଇ କେବଳ ଡିଗ୍ରୀ ଅର୍ଜନ କଲେ ହେବ ନାହିଁ। ସେହି ପାଠ୍ୟକ୍ରମକୁ ନେଇ ଜୀବନରେ ଆଗକୁ ବଢିବାକୁ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଟସ ଗ୍ରୁପ୍ ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା, ଏମ୍ଆଇପିଏସ ଡିନ ଡ଼ ସାନ୍ତନୁ ମହାନ୍ତି, ମିଟ୍ସର ନିର୍ଦ୍ଦେଶକ ଡ. ସି. ଭି. ଗୋପୀନାଥ, ମିଟ୍ସ ଅଧ୍ୟକ୍ଷ ପ୍ରଫେସର ରାମାନୁଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିକ୍ଷାନୁଷ୍ଠାନ ଓ ଏମ୍ଆଇପିଏସ ଅନୁଷ୍ଠାନର ବି.ଟେକ, ବିସିଏ, ବି.ଏସସି ( କୃଷି, ବାୟୋଟେକ୍ନୋଲୋଜି, ଫୁଡ୍ ଟେକ୍ନୋଲୋଜି) ଏବଂ ଏମ. ଏସସି ପାଠ୍ୟକ୍ରମର ୨୫୦ରୁ ଅଧିକ ସ୍ନାତକ ଡିଗ୍ରୀଧାରୀଙ୍କୁ ଅତିଥିମାନେ ମୂଳ ଡିଗ୍ରୀ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# ମଲା କୁକୁଡ଼ା ମାଂସ ଖାଇ ୪ ମହିଳା ଗୁରୁତର

କଲ୍ୟାଣସିଂହପୁର, ୨୭।୨
(ଦୀପକ କୁମାର ପରିଡା )

ମଲା କୁକୁଡ଼ା ମାଂସ ଖାଇ ଗୋଟିଏ ପରିବାରର ୪ ଜଣ ମହିଳା ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାରସାଲି ପଞ୍ଚାୟତ ଅନ୍ତର୍ଗତ ସାନଡେଙ୍ଗିନିଲି ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଗୁରୁତର ମହିଳାମାନେ ହେଲେ ପଡେ କାଡ୍ରାକା (୨୮), କୁଡୁଞ୍ଜି କାଡ୍ରାକା (୫୦), ପାଉଲି କାଡ୍ରାକା (୩୫) ଓ ମାଲ କାଡ୍ରାକା।

ଗ୍ରାମବାସୀଙ୍କ କହିବା ଅନୁସାରେ, ଉକ୍ତ ମହିଳାମାନେ ଗୁରୁବାର ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣେ ସମ୍ପର୍କୀୟଙ୍କୁ ଦେଖିବାକୁ ଯିବା ସମୟରେ କଲ୍ୟାଣସିଂହପୁର ଅଞ୍ଚଳର ଏକ ଦୋକାନରୁ କମ୍ ଦାମରେ ମରିଯାଇଥିବା କୁକୁଡ଼ା କିଣିନେଇଥିଲେ। ସନ୍ଧ୍ୟାରେ ଘରକୁ ନେଇ ରୋଷେଇକରି ଖାଇଥିଲେ। ଶୁକ୍ରବାର ସକାଳେ ସେମାନଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇଯିବାରୁ ପରିବାର ଲୋକେ ସେମାନଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଥିବା କାର୍ଯ୍ୟରତ ଡାକ୍ତର ସୌମ୍ୟ ରଞ୍ଜନ ମିଶ୍ର କହିଛନ୍ତି । ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସାନଡେଙ୍ଗନେଲି ଗାଁରେ ପହଞ୍ଚି ଯାଞ୍ଚ କରିବା ସହ ସ୍ଥାନୀୟ ଲୋକଙ୍କୁ ସଚେତନ କରାଇଥିବା ଜଣାପଡ଼ିଛି।



ଚିକିତ୍ସିତ ହେଉଥିବା ମହିଳା।

# ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ପ୍ରବଚନ

ଗୁଣପୁର,୨୭।୨
(ସୁଜାତା ପାଢ଼ୀ/ସଂକେତ ପାତ୍ର)



ସ୍ୱାମୀ ମୁକୁନ୍ଦାନନ୍ଦଜୀ ମହାରାଜ ପ୍ରବଚନ ଦେଉଛନ୍ତି।

ରାୟଗଡ଼ା ଜିଲା ଗୁଣପୁର ବେଲ ହଷ୍ଟେଲ ନିକଟସ୍ଥ ରାଧା ଗୋବିନ୍ଦ ଧାମ ପକ୍ଷରୁ ନୂତନ ବସ୍‌ଷ୍ଟାଣ୍ଡ ନିକଟ ଜଗନ୍ନାଥ ପ୍ୟାଲେସ୍‌ଠାରେ ଗୁରୁବାର ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଶ୍ରୀକୃପାଳୁ ମହାରାଜଙ୍କ ବରିଷ୍ଠ ପ୍ରଚାରକ ସ୍ୱାମୀ ମୁକୁନ୍ଦାନନ୍ଦଜୀ ମହାରାଜ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତ ଯୋଗଦେଇ ତାଙ୍କ ଆଧ୍ୟାତ୍ମିକ ବାଣୀ ଶ୍ରବଣ କରିଥିଲେ। ନିୟମିତ ସତ୍‌ସଙ୍ଗ, ଧ୍ୟାନ ଅଭ୍ୟାସ ଓ ନିୟମିତ ଭାଗବଦ୍ ଗୀତା ଦ୍ୱାରା ଭଗବତ୍ ପ୍ରାପ୍ତି ହୋଇପାରିବ ବୋଲି ମୁକୁନ୍ଦାନନ୍ଦ ଜି ମହାରାଜ କହିଥିଲେ । ଏହିପରି କାର୍ଯ୍ୟକ୍ରମ ନିୟମିତ ଅନୁଷ୍ଠିତ ହେଲେ ହିନ୍ଦୁ ସମାଜର ଉନ୍ନତି ହେବା ସହ ହିନ୍ଦୁ ଏକାଠି ହୋଇପାରିବେ ବୋଲି ସହରର ବରିଷ୍ଠ ହିନ୍ଦୁବାଦୀ ଓ ଜଗନ୍ନାଥପ୍ରେମୀ ମତବ୍ୟକ୍ତ କରିଥିଲେ । ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼, ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପାଢ଼ୀ ଓ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ମଧ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଭାପତି ସୌଭାଗ୍ୟ ପତିତ, ହରି ସାହୁ, ମାଧୁରୀ ଦିଦି, ପ୍ରମୋଦ ପାତ୍ର, କୈଳାସ ମିଶ୍ର, ସବିତା ପତିତ, ସୁବର୍ଣ୍ଣ ପାଢ଼ୀ ଏବଂ ଅନ୍ୟ ଭକ୍ତମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିକ୍ଷୋଭ ପ୍ରଦର୍ଶନକଲା ଯୁବ କଂଗ୍ରେସ

## ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଗିରଫ ପ୍ରତିବାଦ

ରାୟଗଡା,୨୭।୨(ଆଶିଷ ରଞ୍ଜନ ପଣ୍ଡା)

ଦିଲ୍ଲୀରେ ଆୟୋଜିତ ଏଆଇ ସମ୍ମିଳନୀରେ ବିରୋଧ ପ୍ରଦର୍ଶନ ବେଳେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ଭାନୁ ଚିବ୍‌ଙ୍କ ଗିରଫଦାରିକୁ ନେଇ ଏବେ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ରାୟଗଡ଼ା ଜିଲା ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାୟଗଡ଼ା ସହରସ୍ଥିତ କପିଳାସ ଛକରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ବିରୋଧରେ ବିକ୍ଷୋଭ କରାଯାଇଛି। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ରାଉତଙ୍କ ନେତୃତରେ ହୋଇଥିବା ଏହି ବିକ୍ଷୋଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଫଟୋଚିତ୍ରକୁ ନିଆଁ ଲଗାଇ ବିକ୍ଷୋଭକାରୀମାନେ ବିକ୍ଷୋଭ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ୟୁଥ୍ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ରାଉତ, ରାୟଗଡ଼ା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ଉପସଭାପତି ଅଶୋକ ପୁଆଲା, ରାୟଗଡ଼ା ବ୍ଲକ ବିଧାୟକ ପ୍ରତିନିଧି ସତ୍ୟବାନ ମଣ୍ଡାଙ୍ଗି, ସଭ୍ୟ ରାଜେନ୍ଦ୍ର ପାଲାକା, ସୁରେନ୍ଦ୍ର ପାଲାକା, ସୀମାଦ୍ରି ପାଲାକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




ରାୟଗଡ଼ା ଜିଲା ଯୁବ କଂଗ୍ରେସ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବନାଗ୍ନି ନିରାକରଣ ସଚେତନତା ବାଇକ୍ ରାଲି

ଟିକିରି,୨୭।୨
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବନ ବିଭାଗ ପକ୍ଷରୁ କାଶୀପୁରରେ ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜଙ୍ଗଲ ନିଆଁକୁ କିପରି ରୋକାଯାଇପାରିବ ସେ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ଜଙ୍ଗଲରେ ନିଆଁ ଲାଗିଲେ ବନ୍ୟପ୍ରାଣୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଥାଏ । ସଚେତନତା ମାଧ୍ୟମରେ ଏହାକୁ ରୋକାଯାଇପାରିବ ବୋଲି ଅତିଥିମାନେ ପ୍ରକାଶ କରିବା ସହ ଏ ଦିଗରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଶତାଧିକ ଗ୍ରାମବାସୀ, ବନ ସଂରକ୍ଷଣ ସମିତି ସଦସ୍ୟ ଏବଂ ବନ ବିଭାଗ କର୍ମଚାରୀଙ୍କୁ ନେଇ ଏକ ସଚେତନତା ବାଇକ୍ ରାଲି ମାଣ୍ଡିବିସୀ ଗ୍ରାମଠାରୁ ବାହାରି ସିକରପାଇ ପର୍ଯ୍ୟନ୍ତ ବାଇକ ଲୋକଙ୍କୁ ସଚେତନ କରାଇଥିଲେ। କାଶୀପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ବନ ବିଭାଗ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାଶୀପୁରରେ ବାହାରିଥିବା ବାଇକ୍ ରାଲି।

## ସଂକ୍ଷେପରେ

### କୁସୁମଗୁଡ଼ାରେ ଅବକାରୀ ଚଢ଼ାଉ

ଦଶମନ୍ତପୁର, ୨୭।୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧୀନ କୁସୁମଗୁଡା ଗାଁରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୯୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି। ୬୦ ଲିଟର ହାତରନ୍ଧା ଦେଶୀ ମଦଭାଟି ଭାଙ୍ଗିବା ସହ ମଦ ଜବତ କରାଯାଇଛି। ଜିଲା ଅବକାରୀ ବିଭାଗ ଅଧୀକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ସୁଧିର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଲକ୍ଷ୍ମୀପୁର ଅବକାରୀ ବିଭାଗ ଅଧିକାରୀ କୁଶ ଜାଲ ଟିମ ସହ ବ୍ଲକର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଛନ୍ତି। କୁସୁମଗୁଡା ଗାଁ ନିକଟ ପୁରୁଣା ପାଲ୍ଲୀ ନାଳ ନିକଟରେ ବେଆଇନ ଭାବେ ରନ୍ଧା ଯାଉଥିବା ଦେଶୀ ମଦଭାଟିରେ ଚଢ଼ାଉ କରାଯାଇଥିଲା। ଏ ନେଇ ନଂ. ୨୨୫/୨୫-୨୬ରେ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଅବକାରୀ ଏଏସ୍ଆଇ କୋମଳା କୁମାରୀ ମହାଙ୍କୁଡ, ସୁଶାନ୍ତ ନାଏକ, ସ୍ମୃତିକାନ୍ତ ବିଶ୍ୱାଳ, ଉଷା ଭତ୍ରା ଓ କପିଳ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

ଜୟପୁର, ୨୭।୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ନୂତନ ପଞ୍ଚାୟତ ସମିତି କାର୍ଯ୍ୟାଳୟ କୋଠା ସମ୍ପ୍ରସାରଣ ଭିତ୍ତିପ୍ରସ୍ତର ଓ ସମ୍ମିଳନୀ କକ୍ଷ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଭିତ୍ତିପ୍ରସ୍ତର ଦେବା ସହ ସମ୍ମିଳନୀ କକ୍ଷ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ଉପାଧ୍ୟକ୍ଷ ଗଣେଶ ପ୍ରସାଦ ପାଢ଼ୀ, ବିଡିଓ ଶକ୍ତି ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ, ଆସ୍ତା ନାୟକ ଓ ରଶ୍ମି ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ଶିବିରରେ ୫୦ଜଣଙ୍କ ଚକ୍ଷୁ ପରୀକ୍ଷା

ନନ୍ଦପୁର/ପାଡୁଆ, ୨୭।୨ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କ୍ୟାର ନେତ୍ରମ ଗୁଡ ଭିଜନ ସଂସ୍ଥା ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳର ୫୦ଜଣଙ୍କ ଚକ୍ଷୁ ପରୀକ୍ଷା



ଶିବିରରେ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

କରାଯାଇ ସଂସ୍ଥା ପକ୍ଷରୁ ୨୩ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ସଂସ୍ଥା ପକ୍ଷରୁ ମୋତିଆ ବିନ୍ଦୁ ଅପରେଶନ କରାଯିବ ବୋଲି ଚିହ୍ନଟ ରୋଗୀଙ୍କୁ ପରାମର୍ଶ ଦିଆଯାଇଛି। ଶିବିରରେ ପଞ୍ଚାୟତ ଅଞ୍ଚଳର ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ଡାକ୍ତର ଲିଜା ରାଣୀ ପରିଡ଼ା, ରବନ୍ତି ପୁଲକା ଓ ପୂର୍ଣ୍ଣିମା ପୁଲକା ଚକ୍ଷୁ ପରୀକ୍ଷା କରିଥିଲେ।

# ଦେବଷଣ୍ଟଗୁଡ଼ା ଗ୍ରାମବାସୀଙ୍କ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି

## ଜିଲାପାଳଙ୍କ ନନ୍ଦପୁର ବ୍ଲକ୍ ପରିଦର୍ଶନ

ନନ୍ଦପୁର, ୨୭।୨ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ନନ୍ଦପୁର ବ୍ଲକ ଶୁକ୍ରବାର ପରିଦର୍ଶନ କରିଛନ୍ତି। ରାଇସିଂ ପଞ୍ଚାୟତର ବାସକୀ ନଦୀ ପାର ଦେବଷଣ୍ଟଗୁଡା ଗ୍ରାମବାସୀଙ୍କ ସମସ୍ୟା ଶୁଣି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗତ ବିଧାନସଭା ନିର୍ବାଚନରେ ଭୋଟ ବର୍ଜନ କରିଥିବା ଦେବଷଣ୍ଟଗୁଡା ୨ ସାହିର ୯୫ ଭୋଟର ଓ ୧୮୭ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ନନ୍ଦପୁର ସର୍ବେଶ୍ୱର ମନ୍ଦିରରେ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଯୋଜନାରେ ନିର୍ମିତ ଗୋଷ୍ଠୀଗୃହ ଓ ଜଳାଶୟ, ପ୍ରକଳ୍ପ, ନନ୍ଦପୁର ଉଚ୍ଚ ବିଦ୍ୟାଳୟ, ସିନ୍ଧେଦେବୀ ମହାବିଦ୍ୟାଳୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଜିଲାପାଳ ସମୀକ୍ଷା କରିଛନ୍ତି। ଐତିହାସିକ କିମ୍ବଦନ୍ତୀ ବତ୍ରିସ ସିଂହାସନ ପରିଦର୍ଶନ କରି ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ପ୍ରସ୍ତାବିତ ବିକାଶ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ବିଭାଗର ରଣମେଳା ଓ ଆଇଟିଡିଏ ପକ୍ଷରୁ ହଳଦୀ ଚାଷୀଙ୍କୁ ଅର୍ଗାନିକ ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମାଳିମୁଣ୍ଡାର ଛାୟାବୃକ୍ଷ ରୋପଣ ପ୍ରକଳ୍ପ ଓ ଥୁବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ରାଇସିଂ ପଞ୍ଚାୟତ ଦେବଷଣ୍ଟଗୁଡା ଗ୍ରାମ ପରିଦର୍ଶନ କରିଥିଲେ। ଗ୍ରାମବାସୀଙ୍କୁ ସରକାରୀ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ରାମବାସୀ ବାସକୀ ନଦୀ ଉପରେ ପୋଲ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ଅଙ୍ଗନୱାଡି କର୍ମୀ ୯ କି.ମି. ଦୂର କାର୍ତ୍ତବା ଅଙ୍ଗନୱାଡି କେନ୍ଦ୍ରକୁ ଶିଶୁ, ମହିଳା ଯିବା, ନିଜେ ଆସି ପୋଷଣ ଖାଦ୍ୟ ଓ ପ୍ରାକ ଶିକ୍ଷା ପ୍ରଦାନରେ ଅସୁବିଧା ନେଇ ଜିଲାପାଳଙ୍କୁ ଜଣାଇଥିଲେ। କେତେଜଣ ଲୋକ ଗ୍ରାମବାସୀଙ୍କୁ ଆବାସ ଯୋଜନାରେ ସାମିଲ କରିବା, ରୋଜଗାର ଦେବାକୁ ଗ୍ରାମ ପାର୍ଶ୍ୱ ପାହାଡ଼ରେ କଫି ଚାଷ ସୁବିଧା କରାଇବାକୁ କହିଥିଲେ। ଜିଲାପାଳ ସମସ୍ତ ଅଭିଯୋଗ ଶୁଣି ବିଡିଓ ଦୁର୍ଗା ପ୍ରସାଦ ଦୋରା, ଆରଡି ବିଭାଗ ଯନ୍ତ୍ରୀ ଜୟନ୍ତ କୁମାର ସାହୁ, ଜଳଛାୟା ପ୍ରକଳ୍ପ ଓ କଫିବୋର୍ଡ ଅଧିକାରୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ସମସ୍ୟା ସମାଧାନ ସହ ପାହାଡ଼ରେ କଫି ଚାଷକୁ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଦେବଷଣ୍ଟଗୁଡ଼ାବାସୀଙ୍କ ବିଭିନ୍ନ ସମସ୍ୟା ପାଇଁ ଭୋଟ ବର୍ଜନ କରିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଜିଲାପାଳ ଆସି ସମସ୍ୟା ସମାଧାନ କରିବା ସହ ଗ୍ରାମବାସୀଙ୍କ ବିକାଶ ପାଇଁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେବା ଏକ ସ୍ୱପ୍ନ ବୋଲି ଗ୍ରାମର ସଦା ଖରା, ପୂର୍ଣ୍ଣ ଖରା, ସୁରେନ୍ଦ୍ର ଖରା, ଧବୁଲୁ ପାଙ୍ଗୀ ପ୍ରମୁଖ କହିଛନ୍ତି।



ଜିଲାପାଳ ନଦୀ ପାର ହୋଇ ଦେବଷଣ୍ଟଗୁଡ଼ା ଗ୍ରାମକୁ ଯାଉଛନ୍ତି।

# ଶ୍ରୀଜୀଉଙ୍କ ଚାଚେରୀ ବେଶ



ଜୟପୁର, ୨୭।୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଦୋଳ ଯାତ୍ରା ଅବସରରେ ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉ ଚାଚେରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏଥିସହ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି, ଆଳତି କରାଯାଇଥିବା ମନ୍ଦିର ମୁଖ୍ୟ ପୁରୋହିତ ଡମ୍ବରୁଧର ପଣ୍ଡା ଓ ଜଗନ୍ନାଥ ତ୍ରିପାଠୀ ସୂଚନା ଦେଇଛନ୍ତି। ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି।

# ଅନାସ୍ଥା ବୈଠକ କରିବାକୁ ଜିଲାପାଳଙ୍କୁ ଦାବିପତ୍ର

## ବାଲଡ଼ା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ

ନନ୍ଦପୁର, ୨୭।୨ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ବାଲଡ଼ା ପଞ୍ଚାୟତ ସରପଞ୍ଚ ବିକ୍ରମ ସୀସାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ବୈଠକ ଶୀଘ୍ର କରିବାକୁ ୱାର୍ଡସଭ୍ୟମାନେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଦାବିପତ୍ର ଶୁକ୍ରବାର ପ୍ରଦାନ କରିଛନ୍ତି। ଜିଲାପାଳ ବାଲଡ଼ା ପଞ୍ଚାୟତ ଖଡାପୁଟସ୍ଥିତ କଫି ପ୍ରୋସେସିଂ ୟୁନିଟ ପରିଦର୍ଶନ କରୁଥିବା ବେଳେ ୱାର୍ଡସଭ୍ୟମାନେ ଭେଟିଥିଲେ। ୧୫।୧୦।୨୦୨୫ରେ ୧୧ ୱାର୍ଡ ବିଶିଷ୍ଟ ବାଲଡ଼ା ପଞ୍ଚାୟତର ୮ ୱାର୍ଡ ସଭ୍ୟ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଦୁଇ ଦୁଇ ଥର ୱାର୍ଡ ସଭ୍ୟମାନଙ୍କ ଦସ୍ତଖତ ଯାଞ୍ଚ ହୋଇଥିଲା। ଅନାସ୍ଥା ପ୍ରସ୍ତାବ ପାଇଁ ଆବଶ୍ୟକ ଭୋଟ ଗ୍ରହଣ ବୈଠକ ପାଇଁ ୨୭।୨।୨୦୨୬ଦିନ ନିର୍ଦ୍ଧାରିତ ହୋଇଥିଲା। କିନ୍ତୁ ପଞ୍ଚାୟତରେ ଆଇନ ଶୃଙ୍ଖଳା ପରିସ୍ଥିତି ଜଟିଳ ଦର୍ଶାଇ କୋରାପୁଟ ଉପଜିଲାପାଳ ତା.୨୫।୨।୨୦୨୬ରେ ବୈଠକକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହା ପଞ୍ଚାୟତିରାଜ ଧାରା ଓ ନିୟମ ବିରୋଧୀ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସପ୍ତାହକ ମଧ୍ୟରେ ଅନାସ୍ଥା ବୈଠକ କରିବାକୁ ଅନୁରୋଧ କରାଯାଇଛି। ନଚେତ୍ ସମସ୍ତ ୱାର୍ଡସଭ୍ୟ ମିଶି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବୁ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ଶୁଣି ଶୀଘ୍ର ଅନାସ୍ଥା ବୈଠକ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ୱାର୍ଡସଭ୍ୟ ବଇଦେହି ଖିଲ, ପାର୍ବତୀ ଆର୍ଲାବ, ରାମା ସୀସା, ଆଦୁ ଖିଲ, ଚକ୍ରଧର ଖରା, ମୁନା ଜାନମ ଓ ରୁକ୍ମଣୀ ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍‌ରେ ନିର୍ମାଣ ହେବ ଉଚ୍ଚମାନର ଷ୍ଟାଡିୟମ





କାର୍ଯ୍ୟକ୍ରମରେ ଉପସ୍ଥିତ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟମାନେ।

## ଜୟପୁର ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ

ଜୟପୁର, ୨୭।୨ (ପବନ ପାଣିଗ୍ରାହୀ)

ଜୟପୁର ପଞ୍ଚାୟତ ସମିତି ବୈଠକ ଗୃହରେ ସପ୍ତମ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ବ୍ଲକ ଏମ୍‌ପି ପ୍ରତିନିଧି କୃଷ୍ଣ ନେପାକ, ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ଉପାଧ୍ୟକ୍ଷ ଗଣେଷ ପ୍ରସାଦ ପାଢ଼ୀ, ବିଡିଓ ଶକ୍ତି ମହାପାତ୍ର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ ଉପସ୍ଥିତ ଥିଲେ। ଜୟପୁର ବ୍ଲକ୍‌ରେ ୧୫ ଏକର ଜମି ଚିହ୍ନଟ କରିବାକୁ ବିଧାୟକ ବାହିନୀପତି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜମିରେ ଇଡକୋକୁ କହି ଉଚ୍ଚମାନର ଷ୍ଟାଡିୟମ କରିବାକୁ ବିଧାୟକ ଚେଷ୍ଟା କରିବେ ବୋଲି କହିଛନ୍ତି। ଯୁକୋ ଟୁରିଜମ୍ କରିବାକୁ ପ୍ରସ୍ତାବ ଦେବାକୁ ବ୍ଲକ ପ୍ରଶାସନକୁ ଅନୁରୋଧ କରିଥିଲେ। ନୂତନ ଅଙ୍ଗନୱାଡି ଗୃହ ସହ ସ୍କୁଲ ଅବ୍ୟବସ୍ଥା ଦୂର କରିବାକୁ କହିଛନ୍ତି। ଗୋଟିଏ ଶ୍ରେଣୀଗୃହରେ ୨,୩ ଶ୍ରେଣୀର ପିଲା ବସୁଥିବାରୁ ପ୍ରତି ବିଦ୍ୟାଳୟକୁ ୫ ଲକ୍ଷ ଟଙ୍କା ଲେଖାଏ ବିଧାୟକ ପାଣ୍ଠିରୁ ଦିଆଯିବ। ଛାତ୍ରୀଛାତ୍ରଙ୍କୁ ଉଚ୍ଚମାନର ପୋଷାକ, ମଧ୍ୟାହ୍ନଭୋଜନ ଦେବା ପାଇଁ ବିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୁକୋ ଟୁରିଜମ୍ ବିକାଶ ହେଲେ ସ୍ଥାନୀୟ ଶିକ୍ଷିତ ଯୁବକମାନେ ନିଯୁକ୍ତି ପାଇପାରିବେ। ପାନୀୟ ଜଳ ସମସ୍ୟା ପ୍ରତି ବ୍ଲକ୍ ପ୍ରଶାସନ ଗୁରୁତ୍ୱ ଦେବାକୁ କହିଛନ୍ତି। ପଞ୍ଚାୟତସ୍ତରୀୟ ଜନଶୁଣାଣିରେ ବିଦ୍ୟୁତ୍ ବିଭାଗ ଅକାରୀ ଅନୁପସ୍ଥିତ ରହୁଥିବା ବ୍ଲକ୍ ଉପାଧ୍ୟକ୍ଷ ଗଣେଷ ପାଢ଼ୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟ, କୃଷି ଓ ଉଦ୍ୟାନ କୃଷି, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଶିକ୍ଷା, ଜଳ ଓ ପରିମଳ ବିଭାଗ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସିଡିପିଓ କାଞ୍ଚନ ପଣ୍ଡା, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ, ଜିଲା ପରିଷଦ ସଭ୍ୟା ତପତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

କୋରାପୁଟ, ୨୭।୨ (ଅମିତାଭ ବେହେରା)

କୋରାପୁଟସ୍ଥିତ ସରକାରୀ ଡିଏଭି ମହାବିଦ୍ୟାଳୟରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ମୋ ଭାରତ କେନ୍ଦ୍ର ଏବଂ ସରକାରୀ ଡିଏଭି ମହାବିଦ୍ୟାଳୟର ଏନ୍ଏସ୍ଏସ୍ ୟୁନିଟଙ୍କ ମିଳିତ ଆନୁକୁଲ୍ୟରେ ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ, ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଯାଇଛି। ଏଥିରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଆଞ୍ଚଳିକ ନିର୍ଦ୍ଦେଶକ ଡ.ଲତିକା ମିଶ୍ର, ନାରାୟଣପାଟଣା ତହସିଲଦାର ପ୍ରଭାତି ଝୋଡିଆ, ଆଇନଜୀବୀ ଭବାନୀଶଙ୍କର ମିଶ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କଲେଜ ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ଅଧିବେଶନରେ ସଭାପତିତ୍ୱ କରିଥିଲେ। ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଏକ ଶିକ୍ଷା ପ୍ରସଙ୍ଗରେ ୧୮ରୁ ୨୫ ବର୍ଷ ବୟସର ଯୁବତୀ ଯୁବକଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ହୋଇଥିଲା। ଏଥିପାଇଁ ମାଇ ଭାରତ ପୋର୍ଟାଲରେ ଜିଲାର ୧୬୧ଜଣ ନାମ ପଞ୍ଜୀକରଣ କରିଥିଲେ। ଡ.ଲହରୀ ବେହେରା, ଡ.ମନୋରଞ୍ଜନ ପ୍ରଧାନ, ଡ.ଲତିକା ମିଶ୍ର ଓ ମନୋଜ କୁମାର ପ୍ରଧାନ ବିଚାରକ ଥିଲେ। କାର୍ଯ୍ୟକ୍ରମକୁ ଡ.ପ୍ରୀତିଧାରା ସାମଲ, ଡ. ସୈରିନ୍ଧ୍ରୀ ମହାରଣା ପରିଚାଳନା କରିଥିଲେ। ନମନ, ମାନସୀ, ଅମିତାଭ, ପାପୁନି ଓ ସ୍ୱୟମ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି।

# ପେଟ୍ରୋଲ ପମ୍ପ ଉଦ୍‌ଘାଟିତ



ଏମ୍‌ପି, ବିଧାୟକ ପେଟ୍ରୋଲ ପମ୍ପ ଉଦ୍‌ଘାଟନ କରୁଛନ୍ତି।

କୁନ୍ଦୁରା, ୨୭।୨ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମା କୁନ୍ଦୁରା-କୁସୁମୀ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ମା'ବୈଷ୍ଣବଦେବୀ ପେଟ୍ରୋଲ ପମ୍ପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଓ ଛତିଶଗଡ଼ ବସ୍ତର ଏମ୍‌ପି ମହେଶ କଶ୍ୟପ ଶୁଭାରମ୍ଭ କରିଛନ୍ତି। ହିନ୍ଦୁସ୍ତାନ ପେଟ୍ରୋଲିୟମର ଏହି ପେଟ୍ରୋଲ ପମ୍ପରେ ପେଟ୍ରୋଲ ୨୨ ହଜାର, ଡିଜେଲ ୩୫ ହଜାର ଓ ଏକ୍ସଟ୍ରା ପାୱାର ୧୬ ହଜାର ଲିଟର କ୍ଷମତା ଟେଙ୍କ ଥିବା ଜଣାପଡ଼ିଛି। ଏଥିଯୋଗୁ ଭୁଷାଙ୍ଗଗୁଡା, ରାଣୀଗୁଡା, କୁନ୍ଦୁରା ପଞ୍ଚାୟତବାସୀ ସୁବିଧା ପାଇବେ। ଏହି ପମ୍ପ ଯାଜ୍ଞସେନି ବେହେରା ଓ ଗୌରାଙ୍ଗ ବେହେରାଙ୍କ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଜିଲା ଏମ୍‌ପି ପ୍ରତିନିଧି ରାମେଶ୍ୱର ଜେନା, ବିନାୟକ ଆଚାର୍ଯ୍ୟ, ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ମିଳନ ପ୍ରଧାନ, ଅଭିଳାଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କ କ୍ରୀଡ଼ା, ସାଂସ୍କୃତିକ ପ୍ରତିଯୋଗିତା

ଜୟପୁର, ୨୭।୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଜିଲାସ୍ତରୀୟ ଦିବ୍ୟାଙ୍ଗମାନଙ୍କ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ଆଇଟିଡିଏ ପିଏ ତୃପ୍ତି ବରାଇ, ବିଡିଓ ଶକ୍ତି ମହାପାତ୍ର, ଜିଲା ସାମଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ଆଂଶିକ ଦୃଷ୍ଟିହୀନ, କନିଷ୍ଠ, ବରିଷ୍ଠ ବିଭାଗରେ ଦୌଡ଼, ସାଇକେଲିଂ, ଚିତ୍ର କଳା ଆଦି ୨୦ ପ୍ରକାର ପ୍ରତିଯୋଗିତା ହୋଇଥିଲା। ଜିଲାର ୧୪ ବ୍ଲକ୍ ୪ ପୌରାଞ୍ଚଳର ୨୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନେ ରାଜ୍ୟ ସ୍ତର ପ୍ରତିଯୋଗିତାରେ ଭାଗ ନେବେ।

# ୫ ଶ୍ରେଣୀକୁ ପଢ଼ାଉଛନ୍ତି ଜଣେ ଶିକ୍ଷକ

## ୨ କୋଠରିରେ ପଢୁଛନ୍ତି ୫ ଶ୍ରେଣୀର ପିଲା

ସୁନାବେଡା/ସେମିଳିଗୁଡ଼ା, ୨୭।୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସରକାର ଶିକ୍ଷାର ବିକାଶ ପାଇଁ ଗୁଡ଼ାଏ ଯୋଜନା କରୁଛନ୍ତି। କିନ୍ତୁ ଶିକ୍ଷକ ଅଭାବକୁ ପୂରଣ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ୫ ଶ୍ରେଣୀକୁ ଜଣେ ଶିକ୍ଷକ ରହିଥିବା ଅଭିଯୋଗ ହୋଇଛି। କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ପରଜା ମୁଠାଇ ପଞ୍ଚାୟତ ଅଧୀନ ପମ୍ପୀ ପ୍ରାଥମିକ ବିଦ୍ୟାଳୟ ପ୍ରଥମରୁ ପଞ୍ଚମ ଶ୍ରେଣୀକୁ ମାତ୍ର ୨ ଶିକ୍ଷକରେ ଚାଲିଛି। କିଛିଦିନ ହେବ ଜଣେ ଶିକ୍ଷକ ଡେପୁଟେଶନରେ ଆସିଥିବା ବେଳେ ଜଣେ ଶିକ୍ଷକ ୫ଟି ଶ୍ରେଣୀକୁ ପଢାଉଛନ୍ତି। ଏହାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ୨ଟି କୋଠରୀରେ ୫ଟି ଶ୍ରେଣୀର ପିଲା ପଢୁଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ପାଚେରୀ ନାହିଁ। ଗାଁ ଲୋକେ ତୁରନ୍ତ ବିଦ୍ୟାଳୟର ଏକାଧିକ ସମସ୍ୟା ଶୀଘ୍ର ସମାଧାନ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସେମିଳିଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଭବାନୀ ନନ୍ଦନ ପଟ୍ଟନାୟକ ଦୃଷ୍ଟି ଆକର୍ଷଣ କରିବାରୁ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ସ୍ୱୀକାର କରିଛନ୍ତି। ଏଥିସହ ବିଦ୍ୟାଳୟର ବାଉଣ୍ଡ୍ରି, ଆବଶ୍ୟକ ଶିକ୍ଷକ ଓ ଶ୍ରେଣୀଗୃହ ସମସ୍ୟା ନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି।





ପମ୍ପୀ ପ୍ରାଥମିକ ବିଦ୍ୟାଳୟ।

# ବାହାର ରାଜ୍ୟରେ ବଢୁଛି କୋରାପୁଟ ପଣସର ଚାହିଦା

## ଉତ୍ପାଦନକାରୀଙ୍କୁ ମିଳୁନି ଉଚିତ ମୂଲ୍ୟ

ସୁନାବେଡା/ସେମିଳିଗୁଡ଼ା, ୨୭।୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



କୋରାପୁଟ ଜିଲାର ବିଭିନ୍ନ ପାହାଡ଼ ଜଙ୍ଗଲ ଅଞ୍ଚଳର ପଣସର ଚାହିଦା ବଢ଼ିବାରେ ଲାଗିଛି। ବର୍ତ୍ତମାନ ପଣସ କଠାର ସମୟ ଥିବାରୁ ଏହାର ଚାହିଦା ଜିଲା ତଥା ବାହାର ରାଜ୍ୟରେ ଦେଖିବାକୁ ମିଳୁଛି। ଏଥିଯୋଗୁ ବ୍ୟବସାୟୀ ସକ୍ରିୟ ମଧ୍ୟ ହୋଇଛନ୍ତି। ଦୈନିକ ପଣସ କଠା ପଡୋଶୀ ରାଜ୍ୟକୁ ଚାଲାଣ କରାଯାଉଛି। ଜିଲାର ସେମିଳିଗୁଡ଼ା ବ୍ଲକ ସମେତ ପଟ୍ଟାଙ୍ଗି, ଲକ୍ଷ୍ମୀପୁର, ବନ୍ଧୁଗାଁ, ନାରାୟଣପାଟଣା, ବୈପାରିଗୁଡ଼ା, ଲମତାପୁଟ ବ୍ଲକର ରାସ୍ତା ଘାଟରେ ଛୋଟ ଛୋଟ ମଣ୍ଡି ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି। କଠାଗୁଡିକୁ ଏଠାରୁ କମ ଦରରେ ନେଇ ବାହାର ରାଜ୍ୟରେ ଚଢା ଦରରେ ବିକି ବ୍ୟବସାୟୀ ଲାଭବାନ ହେଉଛନ୍ତି। ପଣସ ସଂଗ୍ରହ କରୁଥିବା ଗାଁ ଲୋକେ ଏହାର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। କୋରାପୁଟର ଜଙ୍ଗଲି ପଣସରେ ଭିଟାମିନ-ଏ, ଭିଟାମିନ-ବି ୬, ଭିଟାମିନ-ସି, କ୍ୟାଲସିୟମ, ପୋଟାସିୟମ, ଆଇରନ, ଫଲିକଏସିଡ, ଥାୟାମିନ ଓ ନିଆମିନ ଆଦି ଅନେକ ପୋଷକ ତତ୍ତ୍ୱ ରହିଛି। ଜିଲାରେ ଏହାର ଆଦର ନ ଥିବା ବେଳେ ଛତିଶଗଡ, ଝାଡ଼ଖଣ୍ଡ, ବିହାର ଓ ଆନ୍ଧ୍ର ପ୍ରଦେଶ ଆଦି ରାଜ୍ୟରେ ଅଧିକ ଚାହିଦା ରହିଛି। ନିୟନ୍ତ୍ରିତ ବଜାର କମିଟି ଏଥିପ୍ରତି ଦୃଷ୍ଟି ଦେଲେ ଚାଲାଣକାରୀ ନିଷ୍କ୍ରିୟ ହେବା ସହ ସ୍ଥାନୀୟ ଲୋକେ ସୁଫଳ ପାଇବେ ବୋଲି କୁହାଯାଇଛି। ଡିସେମ୍ବରରୁ ଜାନୁଆରୀ ମାସରେ ଫଳୁଥିବା ଏହି ପଣସ ମାର୍ଚ୍ଚ ବେଳକୁ ବଜାରରୁ ଗାଏବ ହୋଇଯାଏ। ଚାଷୀଙ୍କ ପଣସ କିଣାବିକା ପାଇଁ ପ୍ରଶାସନ ପକ୍ଷରୁ କୌଣସି ସୁବିଧା ନ ଥିବା ଜଣାପଡ଼ିଛି। ସରକାର ଏକ ପଣସ ପ୍ରୋସେସିଂ ୟୁନିଟ ସ୍ଥାପନ କଲେ ମିଶନଶକ୍ତି ମହିଳାଙ୍କ ମାଧ୍ୟମରେ ଏଥିରୁ ଚିପ୍ସ, ଆଚାର, ଓ ମଞ୍ଜିରୁ ଅଟା ଆଦି ପ୍ରସ୍ତୁତି ହୋଇପାରନ୍ତା ବୋଲି କୁହାଯାଇଛି। ଜିଲାର ଉଦ୍ୟାନ, କୃଷି, ଜଙ୍ଗଲ ବିଭାଗ ଓ ଚାଷୀଙ୍କ ଦ୍ୱାରା ପ୍ରାୟ ୮୮୮ ହେକ୍ଟର ଜମିରେ ପଣସ ଗଛ ଲଗାଇଥିବା ଓ ବର୍ଷକୁ ପ୍ରାୟ ୧୩୭୬୪ ମେଟ୍ରିକ ଟନ ପଣସ ଉତ୍ପାଦନ ହେଉଥିବା ଜଣାପଡ଼ିଛି।

